V-30

ଓଡ଼ିଶା ସରକାର

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

## ବିଶେଷ ସୂଚନା

ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ / ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସରକାରଙ୍କ ସ୍ୱତନ୍ତ୍ର ପ୍ରାକ୍-ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ଛାତ୍ରବୃତ୍ତି ପାଇଁ ପ୍ରଯୁଜ୍ୟ ସର୍ତ୍ତ ଅନୁଯାୟୀ, ଏହି ଯୋଜନା ଅଧୀନରେ କେବଳ ଆଧାର ସଂଯୋଜିତ (AADHAAR SEEDING) ବ୍ୟାଙ୍କ ଆକାଉଣ୍ଟରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଥାଏ। ଏହା ବ୍ୟତୀତ, ଚଳିତ ବର୍ଷରୁ ପ୍ରାକ-ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ (ନୂତନ ଏବଂ ନବୀକରଣ) 'ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ'ରେ (ODISHA STATE SCHOLARSHIP PORTAL) ନିଜର ବାୟୋ ମେଟ୍ରିକ ପ୍ରମାଣୀକରଣ (ଚେହେରା ପ୍ରମାଣୀକରଣ) କରିବା ଆବଶ୍ୟକ। OSSP ପୋର୍ଟାଲରେ ଆବେଦନକାରୀଙ୍କ ନିଜର ଲଗ-ଇନ ପେଜରେ ଏହି ବ୍ୟବସ୍ଥା ପ୍ରଦାନ କରାଯିବ। ଆବେଦନକାରୀ ନିଜର ଅନଲାଇନ ଦରଖାସ୍ତ ଦାଖଲ କରିପାରିବା ପାଇଁ OSSP ରେ ବାୟୋ-ମେଟ୍ରିକ ପ୍ରମାଣୀକରଣ (ଚେହେରା ପ୍ରମାଣୀକରଣ) କରିବା ଅନିବାର୍ଯ୍ୟ ଅଟେ। ଏହାର ସବିଶେଷ ବିବରଣୀ OSSP ର ମୁଖ୍ୟ ପେଜରେ ଦିଆଯିବ। ଏତଦ୍‌ଦ୍ୱାରା ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜର ଆଧାର ଅପଡ଼େଟ ରଖନ୍ତୁ ଏବଂ ନିଜର ବ୍ୟାଙ୍କ ଆକାଉଣ୍ଟକୁ ଆଧାର ନମ୍ବର ସହିତ ସଂଯୋଗ କରିବା ପାଇଁ ନିଜର ବ୍ୟାଙ୍କ ଶାଖା ସହିତ ଯୋଗାଯୋଗ କରନ୍ତୁ।

ସ୍ୱା/- ନିର୍ଦ୍ଦେଶକ, ଅନୁସୂଚିତ ଜାତି କଲ୍ୟାଣ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

OIPR 26001/11/0003/2425